***TOTAL QUESTIONS-30, TIME – 10 MINUTES, MARKS –30***

## ODIA

1. ଅସଙ୍ଗତକୁ ପୃଥକ କର ।
(A) ତିକ୍ତମଧୁର (B) ଧୀରସ୍ଥିର
(C) ହୃଷ୍ଟପୁଷ୍ଟ (D) ଦୀନଦରିଦ୍ର

2. 'ଅଗ, ଅଘ' ସମୋଚ୍ଚାରିତ ଶବ୍ଦର ଅର୍ଥ ନିର୍ଣ୍ଣୟ କର ।
(A) ଅଗ୍ରଭାଗ, ପାପ (B) ପାପ, ଅଗ୍ରଭାଗ
(C) ଆଗରେ, ପାପ (D) ପାପ, ଆଗରେ

3. 'ଚଡ଼ା, ଚଢ଼ା' ର ସମୋଚ୍ଚାରିତ ଶବ୍ଦର ଅର୍ଥ ନିର୍ଣ୍ଣୟ କର ।
(A) ଟାପୁ, ଚଢ଼ା (B) ଚଢ଼ା, ଟାପୁ
(C) ଖାଦ୍ୟ ବିଶେଷ, ଚଢ଼ା (D) ଚଢ଼ା, ଖାଦ୍ୟ ବିଶେଷ

4. ଦୁଇ ବା ତତୋଧିକ ବ୍ୟଞ୍ଜନ ବର୍ଣ୍ଣ ସଂଯୁକ୍ତ ହୋଇ ଯେଉଁ ନିର୍ଦ୍ଦିଷ୍ଟ ରୂପ ନେଇଥାଏ, ତାହାକୁ କ'ଣ କୁହାଯାଏ ?
(A) ଫଳା (B) ଯୁକ୍ତ ବ୍ୟଞ୍ଜନ
(C) ଯୁକ୍ତାକ୍ଷର (D) ଉଭୟ (B) ଓ (C) ଠିକ୍

5. ସନ୍ଧ୍ୟାରେ ତାରାମାନେ ଆକାଶରେ ଶୋଭାପାଆନ୍ତି । (ରେଖାଙ୍କିତ ପଦଟିର ବିଭକ୍ତି ସ୍ଥିର କର)
(A) ତୃତୀୟା (B) ସପ୍ତମୀ
(C) ପଞ୍ଚମୀ (D) ଷଷ୍ଠୀ

6. ଯେତିକି ଚୂନାକୁ ସେତିକି ପିଠା । (ରେଖାଙ୍କିତ ଅବ୍ୟୟ ପଦଦ୍ୱୟ କେଉଁଶ୍ରେଣୀର ସୂଚାଅ)
(A) ହେତୁବୋଧକ (B) ପରିମାଣ ସୂଚକ
(C) କ୍ରମବୋଧକ (D) କାଳସୂଚକ

7. ନିମ୍ନୋକ୍ତ ମଧ୍ୟରୁ କ୍ରମବୋଧକ ଅବ୍ୟୟ ନିର୍ଣ୍ଣୟ କର ।
(A) ଛାତ୍ରଟି କ୍ରମେକ୍ରମେ ପାଠରେ ଉନ୍ନତି କରୁଛି ।
(B) ସେ ବାରବାର ଆମଘରକୁ ଆସୁଛି ।
(C) ମେଘ ଘନଘନ ବରଷୁଛି ।
(D) ପିଲାଟି ଥରକୁଥର ଜ୍ୱରରେ ପଡୁଛି ।

8. 'କଇଁଛ ଧୀରେ ଚାଲେ ।' (ଉକ୍ତ ବାକ୍ୟରେ ଥିବା କର୍ମ ପଦକୁ ସୂଚାଅ)
(A) କଇଁଛ (B) ଧୀରେ
(C) ଚାଲେ (D) କେଉଁଟି ବି ନୁହେଁ

9. ଅବଶ୍ୟ ତୁମକୁ ଏହା କରିବାକୁ ପଡ଼ିବ । (ରେଖାଙ୍କିତ ପଦଟି କେଉଁ ବିଶେଷଣ ସୂଚାଅ)
(A) କ୍ରିୟା ବିଶେଷଣ (B) ବାକ୍ୟର ବିଶେଷଣ
(C) ସର୍ବନାମିକ ବିଶେଷଣ (D) କ୍ରିୟାଜ ବିଶେଷଣ

10. 'ଦୁର୍ଯ୍ୟୋଧନ ବଡ଼ ଅଭିମାନୀ ଥିଲେ, ମାତ୍ର ଯୁଧିଷ୍ଠିର ତାହା ନଥିଲେ ।' (ଉକ୍ତ ବାକ୍ୟର ବ୍ୟବହୃତ ସର୍ବନାମ ପଦଟି କେଉଁ ଅର୍ଥ ପରିବର୍ତ୍ତେ ବ୍ୟବହୃତ ହୋଇଛି ସୂଚାଅ)
(A) ବିଶେଷ୍ୟ ପରିବର୍ତ୍ତେ (B) ବିଶେଷଣ ପରିବର୍ତ୍ତେ
(C) ବାକ୍ୟାର୍ଥ ପରିବର୍ତ୍ତେ (D) କେଉଁଟି ବି ନୁହେଁ

11. ନିମ୍ନୋକ୍ତ ମଧ୍ୟରୁ ଜଟିଳ ବାକ୍ୟକୁ ସୂଚାଅ ।
(A) ସେ ଚୋରି କରିବାରୁ ଦଣ୍ଡ ପାଇଲା
(B) ସେ ଚୋରି କଲା ଏବଂ ଦଣ୍ଡ ପାଇଲା
(C) ଯେହେତୁ ସେ ଚୋରି କଲା, ତେଣୁ ଦଣ୍ଡ ପାଇଲା
(D) ସେ ଚୋରି କଲା ଓ ଦଣ୍ଡ ପାଇଲା

12. ନିମ୍ନୋକ୍ତ ମଧ୍ୟରୁ ବିସ୍ମୟ ସୂଚକ ବାକ୍ୟକୁ ସୂଚାଅ ।
(A) ଭାରତ ବିଶ୍ୱର ସବୁଠାରୁ ଅଧିକ ଶାନ୍ତି ପ୍ରିୟ ଦେଶ
(B) ଭାରତପରି ଶାନ୍ତିପ୍ରିୟ ଦେଶ ଆଉ ବିଶ୍ୱର କିଏ ଅଛି
(C) ଭାରତ ପରି ଶାନ୍ତିପ୍ରିୟ ଦେଶ ବିଶ୍ୱର କିଏ ଅଛି
(D) ଅନ୍ୟ କୌଣସି ଦେଶ ଭାରତ ପରି ଶାନ୍ତିପ୍ରିୟ ନୁହଁନ୍ତି

13. ବାଦାମ ଭଜା ସୁଆଦ ଲାଗେ । (ରେଖାଙ୍କିତ ପଦଟି କେଉଁ ବିଶେଷଣ ସ୍ଥିର କର)
(A) ଗୁଣବାଚକ ବିଶେଷଣ (B) ବିଧେୟ ବିଶେଷଣ
(C) କ୍ରିୟା ବିଶେଷଣ (D)କ୍ରିୟା ବିଶେଷଣର ବିଶେଷଣ

14. ନାହିଁ -------- ବସେ, ମାତ୍ର 'ନ' ------ ବସେ ।
(A) ସଂଯୁକ୍ତ ପଦ କ୍ରିୟାର ପରେ, କ୍ରିୟାର ପୂର୍ବରୁ
(B) କ୍ରିୟାପଦ ପୂର୍ବରୁ, କ୍ରିୟା ପଦ ପରେ
(C) ସଂଯୁକ୍ତ ପଦ କ୍ରିୟାର ପୂର୍ବରୁ, କ୍ରିୟାର ପରେ
(D) କେଉଁଟି ବି ନୁହେଁ

15. 'ଝିଅଟି କାନ୍ଦୁଛି ।' (ଉକ୍ତ ବାକ୍ୟରେ ଥିବା କ୍ରିୟାପଦଟି କେଉଁ ଶ୍ରେଣୀର ସୂଚାଅ)
(A) ଅକର୍ମକ (B) ସକର୍ମକ
(C) ଦ୍ୱିକର୍ମକ (D) କେଉଁଟି ବି ନୁହେଁ

16. 'ଅଜା ନାତିନାତୁଣୀମାନଙ୍କୁ ଗଳ୍ପ କହିଲେ ।' (ଉକ୍ତ ବାକ୍ୟରେ ଥିବା କ୍ରିୟା ପଦଟି କେଉଁ ଶ୍ରେଣୀର ସୂଚାଅ)
(A) ଅକର୍ମକ (B) ସକର୍ମକ
(C) ଦ୍ୱିକର୍ମକ (D) କେଉଁଟି ବି ନାହିଁ

17. ଗୋଟିଏ ଧାତୁ ଓ ଗୋଟିଏ କ୍ରିୟା ବିଭକ୍ତିର ସଂଯୋଗରେ କେଉଁ କ୍ରିୟା ସୃଷ୍ଟି ହୋଇଥାଏ ?
(A) ଏକକ କ୍ରିୟା
(B) ଯୌଗିକ କ୍ରିୟା
(C) ଦ୍ୱିତଅର୍ଥକ ଅସମାପିକା କ୍ରିୟା
(D) ମିଶ୍ର କ୍ରିୟା

**ପ୍ରଶ୍ନ ନଂ 18 ଠାରୁ 20 ପର୍ଯ୍ୟନ୍ତ ପ୍ରତିଶବ୍ଦ ନିର୍ଣ୍ଣୟ କର ।**

18. 'ମଘବା'
(A) ଇଶ୍ୱର (B) ଇନ୍ଦ୍ର
(C) ବ୍ରହ୍ମା (D) ବିଷ୍ଣୁ

19. 'ହିରଣ୍ୟ'
(A) ସୁନା (B) ରୂପା
(C) ସିଂହ (D) ହରିଣ

20. 'ଗନ୍ଧବହ'
(A) ମରୁତ (B) ବାୟୁ
(C) (A) ଓ (B) ଠିକ୍ (D) କୌଣସିଟି ନୁହେଁ

21. ବାକ୍ୟର ନିୟମାନୁଯାୟୀ ସମ୍ବନ୍ଧ ପଦ ସମ୍ବନ୍ଧିତ ପଦର ----- ବସେ । (ଶୂନ୍ୟସ୍ଥାନ ପୂରଣ କର)
(A) ପୂର୍ବରୁ (B) ପରେ
(C) ମଧ୍ୟରେ (D) ଯେକୌଣସି ସ୍ଥାନରେ

22. ସକର୍ମକ କ୍ରିୟାର କର୍ମ ---- ବସିଥାଏ ।
(A) କ୍ରିୟାର ପୂର୍ବରୁ (B) କ୍ରିୟାର ପରେ
(C) ବାକ୍ୟ ଆରମ୍ଭରେ (D) ବାକ୍ୟରେ ଯେ କୌଣସି ସ୍ଥାନରେ

23. 'ସେ ଚିଟ୍‌ଫଣ୍ଡରୁ ଅନେକ ଟଙ୍କା ମାରିଛି । (ଉକ୍ତ ବାକ୍ୟରେ ବିଶେଷଣ ପଦକୁ ଚିହ୍ନଟ କର)
(A) ଚିଟ୍‌ଫଣ୍ଡରୁ (B) ଟଙ୍କା
(C) ମାରିଛି (D) ଅନେକ

24. ଯେ କାର୍ଯ୍ୟ ସାଧିତ କରେ ------, ଯାହାକୁ ସାଧନ କରାଯାଏ ତାହା ------, ଯେଉଁ ପଦ ଦ୍ୱାରା କୌଣସି କାର୍ଯ୍ୟ ହୋଇଥାଏ, ତାହା -------- । (ଶୂନ୍ୟସ୍ଥାନ ପୂରଣ କର)
(A) କର୍ମ, କ୍ରିୟା, କର୍ତ୍ତା (B) କର୍ତ୍ତା, କର୍ମ, କ୍ରିୟା
(C) କ୍ରିୟା, କର୍ତ୍ତା, କର୍ମ (D) କର୍ତ୍ତା, କ୍ରିୟା, କର୍ମ

25. 'ନକରେ ପୁତ୍ର କୁଳାଙ୍ଗାର ଉକ୍ତି ତାକୁ ପିତାମାତାଙ୍କୁ ବୋଲିବାକୁ ହେବ । (ଉକ୍ତ ବାକ୍ୟରେ ଲକ୍ଷଣ ଦୃଷ୍ଟିରୁ କାହାର ଅଭାବ ରହିଛି ସୂଚାଅ)
(A) ଯୋଗ୍ୟତା (B) ଆସତ୍ତି
(C) ଆକାଂକ୍ଷା (D) ଉଦ୍ଦେଶ୍ୟ

26. 'କୁଆମାନେ ଗୀତ ଗାଉଛନ୍ତି ।' (ଉକ୍ତ ବାକ୍ୟରେ ଲକ୍ଷଣ ଦୃଷ୍ଟିରୁ କାହାର ଅଭାବ ରହିଛି ସୂଚାଅ)
(A) ଯୋଗ୍ୟତା (B) ଆସତ୍ତି
(C) ଆକାଂକ୍ଷା (D) ଉଦ୍ଦେଶ୍ୟ

27. ଯେଉଁ ବାକ୍ୟରେ ଗୋଟିଏ ଉଦ୍ଦେଶ୍ୟ ଏବଂ ଗୋଟିଏ ବିଧେୟ ରହିଥାଏ, ତାହାକୁ କେଉଁ ବାକ୍ୟ କୁହାଯାଏ ?
(A) ସରଳ (B) ଯୌଗିକ
(C) ଜଟିଳ (D) ମିଶ୍ର

28. କେତେକ କ୍ଷେତ୍ରରେ ବାକ୍ୟ ମଧ୍ୟରେ କର୍ତ୍ତା, କର୍ମ ଓ କ୍ରିୟାର ଅନୁପସ୍ଥିତି ସତ୍ତ୍ୱେ ବାକ୍ୟ ଗଠନ ହୋଇପାରେ କି ?
(A) ହୋଇପାରେ
(B) ହୋଇପାରେ ନାହିଁ
(C) ଉଭୟ (A) ଓ (B) ଠିକ୍
(D) ଉଭୟ (A) ଓ (B) ଭୁଲ୍

29. ବାକ୍ୟମଧ୍ୟରେ ପ୍ରଶ୍ନସୂଚକ ଅବ୍ୟୟ ସାଧାରଣତଃ କେଉଁଠାରେ ବସାଯାଇପାରେ ?
(A) ବାକ୍ୟ ଆରମ୍ଭରେ (B) ବାକ୍ୟ ମଧ୍ୟରେ
(C) ବାକ୍ୟ ଶେଷରେ (D) ସମସ୍ତ ଉତ୍ତର ଠିକ୍

30. ବାକ୍ୟରେ ଉଦ୍ଦେଶ୍ୟ ------ ରହେ ଏବଂ ବିଧେୟ ------ ରହେ । (ଶୂନ୍ୟସ୍ଥାନ ପୂରଣ କର)
(A) ପରେ ରହେ, ପୂର୍ବରେ ରହେ
(B) ପ୍ରଥମେ ରହେ, ପରେ ରହେ
(C) ଯେ କୌଣସି ସ୍ଥାନରେ ରହିପାରେ
(D) ସମସ୍ତ ଉତ୍ତର ଠିକ୍

**ଉତ୍ତର**

| | | | | | | |
|---|---|---|---|---|---|---|
| 1. (A) | 2. (A) | 3. (A) | 4. (D) | 5. (B) | 6. (B) | 7. (A) |
| 8. (D) | 9. (B) | 10. (B) | 11. (C) | 12. (B) | 13. (B) | 14.(A) |
| 15.(A) | 16.(C) | 17.(A) | 18.(B) | 19.(A) | 20.(C) | 21.(A) |
| 22.(A) | 23.(D) | 24.(B) | 25.(B) | 26.(A) | 27.(A) | 28.(A) |
| 29.(D) | 30. (B) | | | | | |

**ALL THE POWER IS WITHIN YOU; YOU CAN DO ANYTHING AND EVERYTHING BELIEVE IN THAT; DON'T BELIEVE THAT YOU ARE WEAK. STAND UP AND EXPRESS THE DIVINITY WITHIN YOU"**
********************************